# NATIONAL NEWS BULLETIN (ODIA)

## 20 May - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଏକ ସୁସ୍ଥ ପୃଥିବୀ ଗଠନ କରିବା ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ବିଦେଶ ଗସ୍ତ କରିବାକୁ ଥିବା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଣ୍ଡଳୀକୁ ଅପରେସନ୍ ସିନ୍ଦୂର ସମ୍ପର୍କରେ ଅବଗତ କରାଇଲେ ବୈଦେଶିକ ସଚିବ ।
- ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଆଜି ହେଗ୍ ଠାରେ ସାକ୍ଷାତ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ୨୦୨୬ ବର୍ଷ ଲାଗି ପଦ୍ମପୁରସ୍କାର ନିମନ୍ତେ ମନୋନୟନପତ୍ର ଆହ୍ୱାନ କଲେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିପକ୍ଷରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ରାଜସ୍ଥାନ ରୟାଲ୍ସ ।

# ପିଏମ୍-ହୁ

ଏକ ସୁସ୍ଥ ପୃଥିବୀ ଗଠନ କରିବା ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ସ୍ୱିଜରଲାଣ୍ଡର ଜେନେଭା ସ୍ଥିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୭୮ତମ ସାଧାରଣ ପରିଷଦ ଅଧିବେଶନକୁ ଆଜି ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏକ ସୁସ୍ଥ ବିଶ୍ୱ ଗଠନ' ସମାବେଶୀ, ସହଯୋଗ ଏବଂ ସମନ୍ୱିତ ଦୃଷ୍ଟିକୋଣ ସମ୍ପନ୍ନ ପଦକ୍ଷେପ ଉପରେ ନିର୍ଭରେ କରେ ।

ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମାବେଶୀ ତତ୍ତ୍ୱ ଉପରେ ଗୁରୁତ୍ୱ ଦେଇ ସରକାର ଅନେକ ଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶବ୍ୟାପି ହଜାର ହଜାର ସ୍ୱାସ୍ଥ୍ୟସେବା କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟବିମା ଯୋଜନା ଆୟୁଷ୍ମାନ୍ ଭାରତ ମଧ୍ୟ କାର୍ଯ୍ୟକାରି କରାଯାଇଛି । ଏହି ଯୋଜନା ମାଧ୍ୟମରେ ୫୮ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ମାଗଣାରେ ଉନ୍ନତମାନର ଚିକିତ୍ସା ସୁବିଧା ପାଇପାରୁଛନ୍ତି ।

ସେହିଭଳି ବିଭିନ୍ନ ସ୍ୱାସ୍ଥ୍ୟସେବା କେନ୍ଦ୍ର ମାଧ୍ୟମରେ କର୍କଟ, ମଧୁମେହ, ଉଚ୍ଚ ରକ୍ତଚାପ ଭଳି ରୋଗ ଗୁଡ଼ିକର ଚିହ୍ନଟ ଏବଂ ଚିକିତ୍ସା କରାଯାଇପାରୁଛି ବୋଲି ସେ କହିଛନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ  ଉନ୍ନତମାନର ଔଷଧ ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ମାଧ୍ୟମରେ ଖୁବ୍ କମ୍ ମୂଲ୍ୟରେ ଦେଶବାସୀଙ୍କୁ ଯୋଗାଇ ଦିଆଯିବା ଉପରେ ଆଲୋକପାତ କରିଛନ୍ତି । ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ଭୂମିକା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଛନ୍ତି, ଏହାଦ୍ୱାରା ଗର୍ଭବତୀ ମହିଳା ଓ ଶିଶୁଙ୍କର ଟିକାକରଣ ସମେତ ଏକ ଅଭିନବ ଡିଜିଟାଲ୍ ସ୍ୱାସ୍ଥ୍ୟ ସେବାର ସୁଫଳ ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଯାଇପାରିଛି ।

ଟେଲି ମେଡିସିନ୍ ମାଧ୍ୟମରେ ବର୍ତ୍ତମାନ ଯୁଗରେ କୌଣସି ବ୍ୟକ୍ତିଙ୍କ ନିକଟରେ ଡାକ୍ତର ଆଉ ଅପହଞ୍ଚ ହୋଇ ରହି ନାହାନ୍ତି । ଭାରତରେ କାର୍ଯ୍ୟକାରୀ କରାଯାଇଥିବା ଏହି ସେବା ମାଧ୍ୟମରେ ୩୪ କୋଟିରୁ ଊର୍ଦ୍ଧ୍ୱ ଡାକ୍ତରୀ ପରାମର୍ଶ କରାଯାଇସାରିଛି ବୋଲି ସେ କହିଛନ୍ତି ।

ଏହି ଅଧିବେଶନର ଚଳିତ ବର୍ଷର ବିଷୟ ବସ୍ତୁ 'ସ୍ୱାସ୍ଥ୍ୟ ଲାଗି ଗୋଟିଏ ବିଶ୍ୱ' ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ଦିଗରେ ଭାରତର ଦୃଷ୍ଟିକୋଣ ସହିତ ଏହି ବିଷୟବସ୍ତୁର ଅନେକ ସାମଞ୍ଜସ୍ୟ ରହିଛି । ଭବିଷ୍ୟତରେ ଯେକୌଣସି ମହାମାରୀକୁ ବୈଶ୍ୱିକ

ସହଯୋଗ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରତିହତ କରିବା ଦିଗରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଭାରତର ପ୍ରତିବଦ୍ଧତା ଦୋହରାଇବା ସହିତ ଅନ୍ୟ ସଦସ୍ୟ ରାଷ୍ଟ୍ରଙ୍କର ସହଯୋଗ ଲୋଡ଼ିଛନ୍ତି ।

## ମିଶ୍ରି-ଡେଲିଗେସନ୍

ବିଦେଶ ଗସ୍ତ କରିବାକୁ ଥିବା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଣ୍ଡଳକୁ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ଅପରେସନ୍ ସିନ୍ଦୂର ସମ୍ପର୍କରେ ସୂଚନା ଦେଇଛନ୍ତି । ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦ କାର୍ଯ୍ୟକଳାପ ବିରୁଦ୍ଧରେ ଭାରତର ଦୃଢ଼ ଆଭିମୁଖ୍ୟ ଉପସ୍ଥାପନ କରିବା ଲାଗି ବିଭିନ୍ନ ଦେଶକୁ ୭ଟି ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ପଠାଇବାକୁ ସରକାର ପୂର୍ବରୁ ଘୋଷଣା କରିଥିଲେ । ଆସନ୍ତାକାଲି ଠାରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦଳର ୫୯ ଜଣ ସାଂସଦଙ୍କୁ ନେଇ ଗଠିତ ଏହି ପ୍ରତିନିଧି ଦଳଗୁଡ଼ିକ ମିଳିତ ଜାତିସଂଘର ସୁରକ୍ଷା ପରିଷଦର ସଦସ୍ୟମାନଙ୍କ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଦେଶକୁ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ପ୍ରତିନିଧି ଦଳ ଯୁକ୍ତରାଷ୍ଟ୍ର ଆମେରିକା, ସାଉଦି ଆରବ, ବାହାରିନ୍, କୁଏତ୍, ଆଲ୍‌ଜେରିଆ, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଡେନ୍‌ମାର୍କ, ଗୁଆନା, ବ୍ରାଜିଲ୍, କଲମ୍ବିଆ, ଦକ୍ଷିଣ

କୋରିଆ, ଜାପାନ୍ ଓ ସିଙ୍ଗାପୁର ସମେତ ମୋଟ୍ ୩୨ଟି ଦେଶ ଗସ୍ତ କରିବେ ।

ଏହିସବୁ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବେ କଂଗ୍ରେସର ବରିଷ୍ଠ ସାଂସଦ ଶଶି ଥରୁର୍, ବିଜେପିର ରବିଶଙ୍କର ପ୍ରସାଦ, ଜେ.ଡି.ୟୁ.ର ସଂଜୟ କୁମାର ଝା, ବିଜେପିର ବୈଜନ୍ତ ପଣ୍ଡା, ଡି.ଏମ୍.କେ.ର କାନି ମୋଝୀ କରୁଣା ନିଧି, ଏନ୍.ସି.ପି.(ଏସ୍.ପି.)ର ସୁପ୍ରିୟା ସୁଲେ ଓ ଶିବସେନାର ଶ୍ରୀକାନ୍ତ ସିନ୍ଦେ । ୧୦ ଦିନିଆ ଗସ୍ତ ଅବସରରେ ଦେଶର ସାଂସଦମାନଙ୍କର ପ୍ରତିନତିଧି ମଣ୍ଡଳୀ ସନ୍ତ୍ରାସବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ନୀତି ବାର୍ତ୍ତାକୁ ଆନ୍ତର୍ଜାତିକ ସମ୍ପ୍ରଦାୟ ନିକଟରେ ଉପସ୍ଥାପନ କରିବେ । ଯେକୌଣସି ସନ୍ତ୍ରାସବାଦ କାର୍ଯ୍ୟକଳାପ ସହିତ ଏହାକୁ ପ୍ରୋତ୍ସାହନ ଦେଉଥିବା ସଂଗଠନ ଓ ବ୍ୟକ୍ତିବିଶେଷ ବିରୁଦ୍ଧରେ ଭାରତର ସଂଗ୍ରାମ ସମ୍ପର୍କରେ ବିଶ୍ୱକୁ ଏହି ଅବସରରେ ଅବଗତ କରାଯିବ ।

## ପିଏମ୍-ରାଜସ୍ଥାନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୨ ତାରିଖ ଦିନ ରାଜସ୍ଥାନର ବିକାନେର୍‌ରେ ୨୬ ହଜାର କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ପ୍ରକଳ୍ପ ଗୁଡ଼ିକ

ରେଳପଥ, ସଡ଼କପଥ, ଶକ୍ତି, ଜଳ, ନୂତନ ଓ ଅକ୍ଷୟ ଶକ୍ତି କ୍ଷେତ୍ରକୁ ସଶକ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୧୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୮୬ଟି ଜିଲ୍ଲାରେ ୧୦୩ଟି ପୁର୍ନବିକଶିତ ଅମୃତ ଷ୍ଟେସନ୍‌ର ଶୁଭାରମ୍ଭ କରିବେ । ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧୩ଶହରୁ ଊର୍ଦ୍ଧ୍ୱ ଷ୍ଟେସନ୍‌କୁ ଆଧୁନିକ ସୁବିଧା ସୁଯୋଗ ସହିତ ପୁନଃ ବିକଶିତ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଚୁରୁ-ସାଦୁଲ୍‌ପୁର ରେଳଲାଇନ୍ ଲାଗି ଶିଳାନ୍ୟାସ କରିବା ସହିତ ସୁରତଗଡ଼-ଫାଲୋଡ଼ି, ଫୁଲେରା-ଦିଗାନା, ଉଦୟପୁର-ହିମ୍ମତନଗର, ଫାଲୋଡ଼ି-ଜୈସାଲ୍‌ମେର୍ ଏବଂ ସାମ୍‌ଦାରି-ବାର୍‌ମର୍ ରେଳଲାଇନ୍ ବିଦ୍ୟୁତ୍‌କରଣ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

ସେହିଭଳି ସଡ଼କପଥର ଭିତ୍ତିଭୂମିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଶ୍ରୀ ମୋଦୀ ୪ ହଜାର ୮୫୦ କୋଟି ବ୍ୟୟ ଅଟକଳରେ ନିର୍ମିତ ୭ଟି ସଡ଼କପଥ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ରାଜପଥ ଭାରତ-ପାକିସ୍ତାନ ସୀମାକୁ ସମ୍ପ୍ରସାରିତ ହୋଇଥିବା ଦୃଷ୍ଟିରୁ ଦେଶର ପ୍ରତିରକ୍ଷା ଭିତ୍ତିଭୂମି ଏହାଦ୍ୱାରା ସଶକ୍ତ ହୋଇପାରିବ । ଫଳରେ ସୁରକ୍ଷା କର୍ମୀଙ୍କୁ ସମ୍ପୃକ୍ତ ସୀମା ପର୍ଯ୍ୟନ୍ତ ଯିବାରେ ସୁବିଧା ହେବ ବୋଲି ଜଣାପଡ଼ିଛି । ଅକ୍ଷୟ ଶକ୍ତି କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ବିକାନେର୍ ଓ

ନାଓ୍ୱା ଠାରେ ସୌର ପ୍ରକଳ୍ପ ଲାଗି ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ଯୋଶୀ

ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲାଦ ଯୋଶୀ ଆଜି ନୂଆଦିଲ୍ଲୀ ଠାରେ ଡିପୋଟ୍ ଦର୍ପଣ, ଅନ୍ନ ମିତ୍ର ଓ ଅନ୍ନ ସହାୟତା ଆପ୍‌ଗୁଡ଼ିକର ଶୁଭାରମ୍ଭ କରିଛନ୍ତି । ଡିଜିଟାଲ୍ ନବସୃଜନ ମାଧ୍ୟମରେ ଦେଶର ଖାଦ୍ୟ ସୁରକ୍ଷାକୁ ଆଗେଇ ନେବା ଦିଗରେ ସରକାରଙ୍କ ଲକ୍ଷ୍ୟ ଏହି ଆପ୍‌ଗୁଡ଼ିକ ଦ୍ୱାରା ପ୍ରତିଫଳିତ ହୋଇଛି ବୋଲି ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଯୋଶୀ କହିଛନ୍ତି । ସେ କହିଛନ୍ତି, ଏହି ଆପ୍‌ଗୁଡ଼ିକ ଦେଶରେ କୃଷି ଭିତ୍ତିଭୂମି ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାର ଆଧୁନିକୀକରଣ ଦିଗରେ ସହାୟକ ହୋଇପାରିବ । ଏହାଦ୍ୱାରା ଏହିସବୁ କ୍ଷେତ୍ରରେ କାର୍ଯ୍ୟଦକ୍ଷତା, ସେବାର ମାନ, ଭିତ୍ତିଭୂମିର ସଶକ୍ତିକରଣ ଦିଗରେ କେନ୍ଦ୍ର ସରକାରଙ୍କ ସୁଶାସନ ନୀତି ପ୍ରତିଫଳିତ ହେଉଛି ବୋଲି ଶ୍ରୀ ଯୋଶୀ କହିଛନ୍ତି । ଏହାଛଡ଼ା ଖାଦ୍ୟ ସୁରକ୍ଷାର ସୁଫଳ ଯେଭଳି ଦେଶର କୋଣ ଅନୁକୋଣରେ ରହୁଥିବା ବ୍ୟକ୍ତିଙ୍କ ନିକଟରେ ଉପଲବ୍ଧ ହୋଇପାରିବ ସେ ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ସ୍ୱରୂପ ଏହି ଆପ୍‌ଗୁଡ଼ିକ ଆଧୁନିକ ଜ୍ଞାନକୌଶଳ

ମାଧ୍ୟମରେ ସମଗ୍ର ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବାରେ ସହାୟକ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ।

## ଜୟଶଙ୍କର-ନେଦରଲାଣ୍ଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ହେଗ୍ ଠାରେ ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ଡିକ୍ ସ୍କୁଫ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଡକ୍ଟର ଜୟଶଙ୍କର ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ କହିଛନ୍ତି, ସନ୍ତ୍ରାସବାଦ ବିପକ୍ଷରେ ଭାରତର ପଦକ୍ଷେପକୁ ନେଦରଲାଣ୍ଡର ସମର୍ଥନ ଲାଗି ସେ ଶ୍ରୀ ସ୍କୁଫ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଭାରତ-ନେଦରଲାଣ୍ଡ ଭାଗିଦାରୀକୁ ଏକ ନୂତନ ଶୀର୍ଷକୁ ନେଇଯିବା ଦିଗରେ ଡିକ୍ ସ୍କୁପ୍‌ଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହିତ ଏହି ଲକ୍ଷ୍ୟ ହାସଲ ଦିଗରେ ଉଭୟ ଦେଶ ମିଳିତ ପ୍ରଚେଷ୍ଟା ଜାରି ରଖିବେ ବୋଲି ଡକ୍ଟର ଜୟଶଙ୍କର ସୁନିଶ୍ଚିତ କରିଛନ୍ତି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ନେଦରଲାଣ୍ଡ ପ୍ରତିପକ୍ଷ କାସ୍‌ପାର୍ ଭେଲ୍ଡକାମ୍ପ୍‌ଙ୍କ ସହିତ ମିଳିତ ଭାବେ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଦ୍ୱିପକ୍ଷିୟ ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବାଣିଜ୍ୟ,

ଅର୍ଥନୀତି, ବିଜ୍ଞାନ, ଜ୍ଞାନକୌଶଳ, ଜଳ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଓ ଜନସମ୍ପର୍କ ଭଳି ବିବିଧ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ସହଯୋଗର ଅଗ୍ରଗତିକୁ ନେଇ ଉଭୟ ମନ୍ତ୍ରୀ ସନ୍ତୋଷବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ଡକ୍ଟର ଜୟଶଙ୍କର ନେଦରଲାଣ୍ଡର ପ୍ରତିରକ୍ଷା ମନ୍ତ୍ରୀ ରୁବେନ୍ ବ୍ରେକେଲ୍‌ମାନ୍ସଙ୍କ ସହିତ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ରହିଥିବା ବିଭିନ୍ନ ସୁଯୋଗକୁ କିଭଳି କାର୍ଯ୍ୟକାରୀ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି ।

ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ବର୍ତ୍ତମାନ ୬ ଦିନିଆ ତ୍ରିଦେଶୀୟ ଗସ୍ତରେ ଯାଇ ନେଦରଲାଣ୍ଡରେ ପହଞ୍ଚିଛନ୍ତି । ଏହାପରେ ସେ ଡେନ୍‌ମାର୍କ ଓ ଜର୍ମାନ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

## ପଦ୍ମଆୱାର୍ଡ୍-ନୋମିନେସନ୍

୨୦୨୬ ବର୍ଷ ଲାଗି ପଦ୍ମ ପୁରସ୍କାର ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମନୋନୟନପତ୍ର ଆହ୍ୱାନ କରାଯାଇଛି । ଏହି ମନୋନୟନପତ୍ର ଅନ୍‌ଲାଇନ୍‌ରେ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ ମାଧ୍ୟମରେ ଆସନ୍ତା ଜୁଲାଇ ୩୧ ତାରିଖ ମଧ୍ୟରେ ଦାଖଲ କରାଯାଇପାରିବ ବୋଲି ମନ୍ତ୍ରଣାଳୟ କହିଛି ।

ଏ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ପୋର୍ଟାଲ୍‌ରେ ଦିଆଯାଇଥିବା ଫର୍ମାଟ୍ ଅନୁଯାୟୀ ମନୋନୟନପତ୍ର ସହିତ ପ୍ରତ୍ୟେକ ପ୍ରାର୍ଥୀଙ୍କର ବିସ୍ତୃତ ବିବରଣୀ ରହିବା ଆବଶ୍ୟକ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ଔଷଧ, ସମାଜ ସେବା, ବିଜ୍ଞାନ, ଇଞ୍ଜିନିୟରିଂ, ବାଣିଜ୍ୟ ଓ ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟତ ପଦ୍ମବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ ଭଳି ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାରରେ ସମ୍ମାନିତ କରାଯାଇଥାଏ । ୧୯୫୪ ମସିହାରୁ  ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଏ । ତେବେ  ଡାକ୍ତର ଏବଂ ବୈଜ୍ଞାନିକଙ୍କ ବ୍ୟତୀତ ରାଷ୍ଟ୍ରାୟତ ଉଦ୍ୟୋଗ ସମେତ ସରକାରୀ ଚାକିରିରେ ଥିବା କୌଣସି ବ୍ୟକ୍ତି ଏହି ପୁରସ୍କାର ଲାଗି ମନୋନୟନପତ୍ର ଦାଖଲ କରିପାରିବେ ନାହିଁ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଚେନ୍ନାଇ ସୁପରକିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ହେବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ

ହେବ । ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ତେବେ ଉଭୟ ଦଳ ପ୍ଲେଅଫ୍ ପର୍ଯ୍ୟାରୁ ବାଦ୍ ପଡ଼ିଛନ୍ତି । ଚେନ୍ନାଇ ୧୨ଟି ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିବାବେଳେ ରାଜସ୍ଥାନ ରୟାଲ୍ସ ୧୩ ଟି ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ନବମ ସ୍ଥାନରେ ଅଛି ।